# କୋଭିଡ ପରିଚାଳନାକୁ ନେଇ ଜିଲ୍ଲାପାଳଙ୍କର ସମୀକ୍ଷା-

## ପ୍ରତି ବୁଧବାର ଦିନ ଦୋକାନିମାନଙ୍କର ହେବ କୋଭିଡ ପରୀକ୍ଷା ।

ଅନୁଗୋଳ,ତା. ୧୯.୯:- ଜିଲ୍ଲାରେ ଦିନକୁ ଦିନ କରୋନା ସଂକ୍ରମଣ ବ୍ୟାପୁଥିବାରୁ ଏହାର ନିୟନ୍ତ୍ରଣ ନିମନ୍ତେ ବ୍ୟାପକ ପ୍ରତିଷେଧକ ବ୍ୟବସ୍ଥା ସହ ବିଭିନ୍ନ ପ୍ରକାର ପ୍ରବର୍ତ୍ତନ(Enforcement) କାର୍ଯ୍ୟକୁ ତ୍ୱରାନ୍ୱିତ ଭାବେ କରିବା ନିମନ୍ତେ ଜିଲ୍ଲପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଆଜି ଅପରାହ୍ନର ତାଂକ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ପରାମର୍ଶ ଦେଇଛନ୍ତି । ସାମ୍ପ୍ରତିକ ପରିସ୍ଥିତିରେ ଜିଲ୍ଲାରେ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନର ଦୋକାନିମାନଂକର ସୁରକ୍ଷା ଓ ନିରାପତ୍ତାକୁ ଦୃଷ୍ଟିରେ ରଖି ସପ୍ତାହର ପ୍ରତ୍ୟେକ ବୁଧବାରରେ ସେମାନଂକର କୋଭିଡ ପରିକ୍ଷା ବାଧ୍ୟତାମୂଳକ ଭାବେ କରାଯିବ । ବନ୍ଦ ରହିଥିବା ଆଦର୍ଶ କୋଭିଡ କେୟାର ସେଣ୍ଟରକୁ ପୁନଃ କାର୍ଯ୍ୟକ୍ଷମ କରାଯାଇ ୫ଟି ବ୍ଲକ୍ ଯଥା - ଆଠମଲ୍ଲିକ,କିଶୋରନଗର,ବଅଁରପାଳ,ଅନୁଗୋଳ ଓ ଛେଣ୍ଡିପଦାର ଆକ୍ରାନ୍ତମାନଂକୁ ଚିକିତ୍ସା ନିମନ୍ତେ ସେଠାରେ ରଖାଯିବ । ସେହିପରି ପାଲଲହଡା,କଣିହାଁ ଓ ତାଳଚେରର ଆକ୍ରାନ୍ତମାନଂକୁ ତାଳଚେର କୋଭିଡ ହସପିଟାଲରେ ଚିକିତ୍ସା ନିମନ୍ତେ ରଖାଯିବ । ପ୍ରତ୍ୟେକ ବ୍ଲକ୍ ଓ ପୌରାଂଚଳକୁ ସାନିଟାଇଜର ପମ୍ପ ଦିଆଯିବ । ସମ୍ପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଅଧିକାରୀମାନେ ସ୍କାର୍ଡ ଗଠନ କରି ସାନିଟାଇଜ୍ କାର୍ଯ୍ୟକୁ ତଦାରଖ କରିବେ । ପ୍ରବର୍ତ୍ତନ(Enforcement) କାର୍ଯ୍ୟକୁ କଡା କଡି ଭାବେ କାର୍ଯ୍ୟକାରୀ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି । ଏହାଛଡା କରୋନା ଆକ୍ରାନ୍ତମାନଂକୁ ନେବା ଆଣିବା କରିବା ନିମନ୍ତେ ପ୍ରତି ବ୍ଲକରେ ଅକ୍ସିଜେନ ଲାଗିଥିବା ଆମ୍ବୁଲାନସ୍ ଗାଡି ଯୋଗାଇ ଦିଆଯିବ । ଯାହାର କୌଣସି ପ୍ରକାର କରୋନା ଲକ୍ଷଣ ଥାଏ ସେମାନେ ସ୍ୱତଃ ପ୍ରବୃତ୍ତ ଭାବେ ନିଜର ସ୍ୱାବ ନମୁନା ଦେଇ ପରୀକ୍ଷା କରାଇବା ନିମନ୍ତେ ଜନସାଧାରଣଂକ ମଧ୍ୟରେ ସଚେତନତା ସୃଷ୍ଟି ନିମନ୍ତେ ବ୍ୟାପକ ପ୍ରଚାର ଓ ପ୍ରସାର ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି । ଜିଲ୍ଲାପାଳ କୋଭିଡ ପରିଚାଳନା କାର୍ଯ୍ୟକୁ ତ୍ୱରାନ୍ୱିତ ଭାବେ କରିବା ନିମନ୍ତେ ୨ଟି ଷ୍ଟିକର ଲାଲ,ହଳଦିଆ ଓ ଗୋଟିଏ ସବୁଜ ପରାମର୍ଶ (Advisory) ପ୍ରଚଳନ କରିଛନ୍ତି । ହୋମ ଆଇସୋଲେସନ୍‌ରେ ରହୁଥିବା ଆକ୍ରାନ୍ତ ବ୍ୟକ୍ତିଂକ ପାଇଁ ଲାଲ ଷ୍ଟିକର,ହୋମ କ୍ୱାରାଣ୍ଟାଇନ୍(ଜିଲ୍ଲାକୁ ବାହାରୁ ଆସୁଥିବା) ବ୍ୟକ୍ତିଂକ ପାଇଁ ହଳଦିଆ ଷ୍ଟିକର ଓ RTPCR ପରିକ୍ଷା ପାଇଁ ସ୍ୱାବ ନମୁନା ଦେଇ ରିପୋର୍ଟ ଆସିବା ପର୍ଯ୍ୟନ୍ତ ଆଇସୋଲେସନ୍‌ରେ ଥିବା ବ୍ୟକ୍ତିଂକ ପାଇଁ ସବୁଜ ପରାମର୍ଶ (Advisory) ଷ୍ଟିକର ପ୍ରଚଳନ ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଏହି ସମୀକ୍ଷା ବୈଠକରେ ଅନ୍ୟମାନଂକ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି,ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସନ୍ତୋଷ କୁମାର ପ୍ରଧାନ,ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥି, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା.ଅଭୟ କୁମାର ଦାଶ , ଡେପୁଟୀ କଲେକ୍ଟର ଶ୍ରୀ ବଇତୁରା ଦିପ୍‌ଙ୍କ ସମେତ ଜିଲ୍ଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ ।


GOVERNMENT OF ODISHA
2020